# NATIONAL NEWS BULLETIN (ODIA)

**4 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- କ୍ରୀଡ଼ା' ଶୃଙ୍ଖଳା, ଲକ୍ଷ୍ୟ ଓ ଦଳୀୟ ମନୋଭାବ ଦୃଢ଼ କରିଥାଏ, କହିଲେ ରାଷ୍ଟ୍ରପତି ।

- ପଞ୍ଚଦେଶୀୟ ଗସ୍ତର ପରବର୍ତ୍ତୀ ପର୍ଯ୍ୟାୟରେ ଆଜି ଆର୍ଜେଣ୍ଟିନା ଯିବେ ପ୍ରଧାନମନ୍ତ୍ରୀ ।

- ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଯୁଦ୍ଧରେ ବଳିଦାନର ଭାବ ବିଜୟ ସୁନିଶ୍ଚିତ କରିଥାଏ ।

- କାରୋବିଆନ୍ ଅଞ୍ଚଳର ପ୍ରଥମ ଦେଶ ଭାବେ ତ୍ରିନିଦାଦ୍ ଓ ଟୋବାଗୋ ୟୁପିଆଇ ବ୍ୟବସ୍ଥା ଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଆଜି ତୃତୀୟ ଦିନରେ ୭୭ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଇଂଲଣ୍ଡ ।

## ପ୍ରେଜ୍-ଡୁରାଣ୍ଡ କପ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଡୁରାଣ୍ଡ କପ୍ ପ୍ରତିଯୋଗିତା-୨୦୨୫ର ଶୁଭାରମ୍ଭ କରିଛନ୍ତି । ସମ୍ମିଳିତ ଜନତାଙ୍କୁ ସମ୍ବୋଧନ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, କ୍ରୀଡ଼ା ଜୀବନରେ ଶୃଙ୍ଖଳା,

ଲକ୍ଷ୍ୟ ଓ ଦଳୀୟ ମନୋଭାବ ଦୃଢ଼ କରିଥାଏ । ସେ କହିଛନ୍ତି ଲୋକମାନଙ୍କ ମଧ୍ୟରେ ସଂପର୍କ ବୃଦ୍ଧି କରିବା ଏବଂ ଦେଶ ଓ ବିଭିନ୍ନ ଅଞ୍ଚଳ ମଧ୍ୟରେ ସଂପର୍କ ସ୍ଥାପନ କ୍ଷେତ୍ରରେ କ୍ରୀଡ଼ାର ଅନନ୍ୟ ଭୂମିକା ରହିଛି । ରାଷ୍ଟ୍ରପତି ଭାରତର ଜାତୀୟ ସଂହତି କ୍ଷେତ୍ରରେ କ୍ରୀଡ଼ା ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କହିଛନ୍ତି ।

**V/O (Prez-Sports India)**

ରାଷ୍ଟ୍ରପତି କହିଛନ୍ତି, ଫୁଟବଲ ଖେଳ କୋଟିକୋଟି ଲୋକଙ୍କର ପ୍ରଥମ ପସନ୍ଦ । ଫୁଟବଲ ଖେଳରେ ରଣନୀତି ସ୍ଥିତର କରିବାକୁ ହୁଏ ଏବଂ ଧୈର୍ଯ୍ୟର ସହ ମିଳିତ ଭାବେ ଉଦ୍ୟମ କଲେ ଗୋଲ୍ ହୋଇଥାଏ । ସେ କହିଛନ୍ତି ଡୁରାଣ୍ଡ କପ୍ ଭଳି ଆୟୋଜନ ଲୋକମାନଙ୍କ ମନରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ପରବର୍ତ୍ତୀ ପିଢ଼ିର ଫୁଟବଲ୍ ଖେଳାଳିମାନଙ୍କୁ ପ୍ରେରଣା ଯୋଗାଇଥାଏ ।

ଏହି ଅବସରରେ ରାଷ୍ଟ୍ରପତି ଡୁରାଣ୍ଡ କପ୍ ଆୟୋଜନ ନେଇ ସେନାବାହିନୀକୁ ଶୁଭେଚ୍ଛା ଜଣାଇଛନ୍ତି ।

**V/O(Prez-Murmu Durand Cup)**

ଆୟୋଜିତ ସମାରୋହରେ ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କୁମାର ତ୍ରିପାଠୀ ଏବଂ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଉପସ୍ଥିତ ଥିଲେ ।

---

# ପିଏମ୍-ଆର୍ଜେଣ୍ଟିନା

ପଞ୍ଚଦେଶୀୟ ଗସ୍ତର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆର୍ଜେଣ୍ଟିନା ଯିବେ । ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର୍ ମିଲେଇଙ୍କ ନିମନ୍ତ୍ରଣ କ୍ରମେ ପ୍ରାୟ ୫୭ ବର୍ଷ ପରେ ପ୍ରଥମ ଭାରତୀୟ

ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଆଜି ଏହି ଗସ୍ତ କରୁଛନ୍ତି । ଏହି ଅବସରରେ ଉଭୟ ନେତା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, କୃଷି ଖଣିଜ ପଦାର୍ଥ ତୈଳ ଓ ବାଷ୍ପ, ନବୀକରଣୀୟ ଶକ୍ତି, ବ୍ୟବସାୟ ଓ ପୁଞ୍ଜିନିବେଶ ଏବଂ ଜନସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ଥିବା ସହଯୋଗ ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷିୟ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ଆସନ୍ତାକାଲି ବ୍ରାଜିଲ୍‌ରେ ପହଞ୍ଚିବେ । ବ୍ରାଜିଲ୍‌ର ରିଓ-ଡି-ଜେନେରିଓ ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତରେ ଯିବେ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନାମିବିୟା ଗସ୍ତ । ସେଠାରେ ସେ ନାମିବିୟା ରାଷ୍ଟ୍ରପତି ନାନ୍ଦି ଏନ୍.ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ବିବେକାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ୍‌ରେ ଶ୍ରୀ ମୋଦୀ କହିଛନ୍ତି, ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନ ଏବଂ ଦୂରଦୃଷ୍ଟି ସମାଜକୁ ଏବେ ମଧ୍ୟ ଦିଗ୍‌ଦର୍ଶନ ଦେଉଛି । ଭାରତର ଇତିହାସ ଏବଂ ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଲାଗି ସ୍ୱାମୀ ବିବେକାନନ୍ଦ ଗର୍ବ ଓ ସାହସର ସହ ଉଦ୍ୟମ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ସେବା ଓ ଦୟାର ପଥରେ ଅଗ୍ରସର ହେବା ଲାଗି ସବୁବେଳେ ସ୍ୱାମୀ ବିବେକାନନ୍ଦ ଗୁରୁତ୍ୱ ପ୍ରଦାନ କରୁଥିଲେ ।

# ଶାହା-ବାଜିରାଓ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପୁଣେରେ ଦୁର୍ଦ୍ଧର୍ଷ ଯୋଦ୍ଧା ତଥା ମହାନ୍ ରାଷ୍ଟ୍ରଭକ୍ତ ବାଜିରାଓ ପେଶୱା ପ୍ରଥମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା ବର୍ତ୍ତମାନର ଏନ୍‌ଡିଏ ସରକାରଙ୍କ ସମୟରେ ସେନାର ପ୍ରସ୍ତୁତି ଓ ବାଜିରାଓ ପେଶୱା ପ୍ରଥମଙ୍କ ସମୟରେ ଯୁଦ୍ଧକଳା ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ଯୁଦ୍ଧର କେତେକ ମୌଳିକ ନିୟମ ସବୁବେଳେ ସମାନ ରହିଥାଏ । ଯୁଦ୍ଧରେ ବ୍ୟୁହ ରଚନାର ମହତ୍ତ୍ୱ, ଯୁଦ୍ଧରେ ସମର୍ପଣ ଭାବ, ଯୁଦ୍ଧରେ ଦେଶଭକ୍ତିର ଭାବ ଏବଂ ସବୁଠାରୁ ବଡ଼କଥା ହେଉଛି ଯୁଦ୍ଧରେ ବଳିଦାନର ଭାବ ହିଁ ବିଜୟ ଆଣିଦେଇଥାଏ । ଅସ୍ତ୍ର ବଦଳିଥାଏ କିନ୍ତୁ ଯୁଦ୍ଧର ଲକ୍ଷ୍ୟ ସ୍ଥିର ରହିଥାଏ ବୋଲି ଶ୍ରୀ ଶାହା କହିଛନ୍ତି । ୫୦୦ ବର୍ଷର ଭାରତୀୟ ଇତିହାସରେ ଯଦି କେହି ସେଭଳି ଯୋଦ୍ଧା ଥାଆନ୍ତି, ସେ ହେଉଛନ୍ତି ଶ୍ରୀମନ୍ତ ବାଜିରାଓ ପେଶୱା ବୋଲି ଶ୍ରୀ ଶାହା କହିଛନ୍ତି :

**V/O (Shah)**

---

# ପିଏମ୍-ସ୍ୱିଚ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଅଭିଭାଷଣରେ କାରୋବିଆନ୍ ଅଞ୍ଚଳର ତ୍ରିନିଦାଦ୍ ଏବଂ ଟୋବାଗୋ ପ୍ରଥମ ଦେଶ ଭାବେ ୟୁପିଆଇ ବ୍ୟବସ୍ଥା ଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଏହି ବ୍ୟବସ୍ଥା ଗ୍ରହଣ କରିବା ଦ୍ୱାରା ଉଭୟ ଭାରତ ଏବଂ ତ୍ରିନିଦାଦ୍ ଓ ଟୋବାଗୋ ଲାଭବାନ ହେବେ ।

ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ ଆନ୍ତର୍ଜାତିକ କ୍ଷେତ୍ରରେ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ୟୁପିଆଇ କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେଉଛି । ୨୦୨୪ ସେପ୍ଟେମ୍ବର ମାସରେ NPCI ଡିଜିଟାଲ୍ ଟ୍ରାନ୍ସଫର୍ମେସନ ମନ୍ତ୍ରଣାଳୟ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରି ବାସ୍ତବ ସମୟରେ ଦେଣନେଣ ପ୍ରକ୍ରିୟାକୁ ସହଜ କରିବା ଲାଗି ଏକୀକୃତ ଦେୟ ବ୍ୟବସ୍ଥା -ୟୁପିଆଇ ଆରମ୍ଭ କରିଥିଲା । କାରବିଆନ୍ ଅଞ୍ଚଳର ପ୍ରଥମ ଦେଶ ଭାବେ ତ୍ରିନିଦାଦ୍ ଓ ଟୋବାଗୋ ୟୁପିଆଇ ବ୍ୟବସ୍ଥା ଗ୍ରହଣ କରିବା ଦ୍ୱାରା ସେଠାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହନ ମିଳିବ ବୋଲି କୁହାଯାଇଛି । ୟୁପିଆଇ କ୍ଷେତ୍ରରେ ଉଭୟ ଭାରତ ଏବଂ ତ୍ରିନିଦାଦ ଓ ଟୋବାଗୋ ମଧ୍ୟରେ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଦେଣନେଣ ବ୍ୟବସ୍ଥା ସହଜସାଧ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ୟୁଏଲ୍‌ବିଏସ୍-କନ୍‌ଫରେନ୍ସ

ଦେଶରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ଅଧିକ ସଶକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଲୋକସେବା ବାଚସ୍ପତି ଓମ୍ ବିର୍ଲା ସମସ୍ତ ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ହରିଆଣାର ମାନେସାର ଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକର ଅଧକ୍ଷମାନଙ୍କ ପ୍ରଥମ ଜାତୀୟ ସ୍ତରୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ବିର୍ଲା କହିଛନ୍ତି, ସହରାଞ୍ଚଳ ପୌର ସଂସ୍ଥା ଗୁଡ଼ିକରେ ପ୍ରଶ୍ନକାଳ ଏବଂ ଶୂନ୍ୟକାଳ ଭଳି ଗଣତାନ୍ତ୍ରିକ ପ୍ରକ୍ରିୟା ଗୁଡ଼ିକୁ ସାମିଲ କରିବାର ଗୁରୁତ୍ୱ ରହିଛି । ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକୁ ଶ୍ରୀ ବିର୍ଲା ଜନସାଧାରଣଙ୍କର ନିକଟତମ ଶାସନ ବ୍ୟବସ୍ଥା ରୂପେ ଅଭିହିତ କରିବା ସହ ଏହାକୁ ନାଗରିକ କୈନ୍ଦ୍ରୀକ କରିବା ଉପରେ ଆଲୋକପାତ କରିଛନ୍ତି ।

ଏହି ଦୁଇ ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି, ଦେଶ ନିର୍ମାଣ ଏବଂ ସାମ୍ବିଧାନିକ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଶକ୍ତ କରିବା ଦିଗରେ ସହରାଞ୍ଚଳ ପୌର ସଂସ୍ଥା ଗୁଡ଼ିକର ଭୂମିକା ।

---

## ବିହାର-ଇଲେକ୍‌ସନ୍

ବିହାର ବିଧାନସଭା ନିର୍ବାଚନ ଲାଗି ଆସନ୍ତା ଅଗଷ୍ଟ ୧ ତାରିଖ ଦିନ ଚିଠା ଭୋଟର ତାଲିକା ପ୍ରକାଶିତ ହେବ । ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ନୂଆଦିଲ୍ଲୀ ଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ କରିଥିବା ବୈଠକରୁ ଏହି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଜୁନ୍ ୨୫ରୁ ଜୁଲାଇ ୩ ତାରିଖ ମଧ୍ୟରେ ବିହାରର ପ୍ରାୟ ୭ କୋଟି ୯୦ ଲକ୍ଷ ଭୋଟରଙ୍କୁ ଗଣନା ଫର୍ମ ମୁଦ୍ରଣ ଓ ବଣ୍ଟନ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଗଣନା ଫର୍ମ ପୂରଣ କରାଯିବ ଓ ଜୁଲାଇ ୨୫ ପୂର୍ବରୁ ଦାଖଲ କରାଯିବ । ବିହାରରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡ଼ିକ ଦ୍ୱାରା ନିଯୁକ୍ତ ୧ ଲକ୍ଷ ୫୪ ହଜାରରୁ ଅଧିକ ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ସକ୍ରିୟ ଅଂଶଗ୍ରହଣ ପ୍ରକ୍ରିୟାକୁ ମଧ୍ୟ ସ୍ୱଚ୍ଛ ଭାବରେ ସମ୍ପନ୍ନ କରାଯାଉଛି ବୋଲି ଏହି ବୈଠକରେ କୁହାଯାଇଛି ।

---

## ଅନ୍ନପୂର୍ଣ୍ଣା-ଇନ୍‌ଷ୍ଟିଚ୍ୟୁଟ୍

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ଝାଡ଼ଖଣ୍ଡର ରାଞ୍ଚିରେ ସାବିତ୍ରୀ ବାଇ ଫୁଲେ ଜାତୀୟ ମହିଳା ଓ ଶିଶୁ ବିକାଶ ପ୍ରତିଷ୍ଠାନର ନୂତନ ଆଞ୍ଚଳିକ କେନ୍ଦ୍ରର ଉଦ୍‌ଘାଟନ କରିବେ । ଏହି ନୂତନ ଆଞ୍ଚଳିକ କେନ୍ଦ୍ର ଦେଶର ପୂର୍ବାଞ୍ଚଳରେ କ୍ଷମତା ନିର୍ମାଣ ପ୍ରଚେଷ୍ଟାର ବିକେନ୍ଦ୍ରୀକରଣ କରିବା ସହିତ ଉନ୍ନତ ସେବା ପ୍ରଦାନ ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଏହି କେନ୍ଦ୍ରରେ ମିଶନ୍ ଶକ୍ତି, ମିଶନ୍ ବାତ୍ସଲ୍ୟ, ମିଶନ୍

ସକ୍ଷମ ଅଙ୍ଗନୱାଡ଼ି ଓ ପୋଷଣ ୨ ଦଶମିକ୍ ଶୂନ୍ ଲାଗି ତାଲିମ୍ ଏବଂ ଗବେଷଣା କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ । ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ଉପରେ ଏହି କେନ୍ଦ୍ର ବିଶେଷ ଧ୍ୟାନ ଦେଇ କେନ୍ଦ୍ରୀୟ ଯୋଜନା ଗୁଡ଼ିକର ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ସହିତ ସ୍ଥାନୀୟ ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟ କରିବ ।

---

## ଟେଷ୍ଟ କ୍ରିକେଟ୍

ବର୍ମିଂହମ୍‌ର ଏଜ୍‌ବାଷ୍ଟନ୍ ଠାରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଆଜି ତୃତୀୟ ଦିନରେ ଇଂଲଣ୍ଡ ୭୭ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଗତକାଲି ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତର ଅଧିନାୟକ ଶୁଭମନ ଗିଲ୍ ଦ୍ୱିଶତକ ହାସଲ କରିଥିଲେ । ଇଂଲଣ୍ଡ ବିପକ୍ଷରେ ଏହି ସଫଳତା ହାସଲ କରିବା କ୍ଷେତ୍ରରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ତଥା ଏସୀୟ ଦଳର ଅଧିନାୟକ । ଶୁଭମନଙ୍କର ୨୬୯ରନ୍ ସହାୟତାରେ ଭାରତ ପ୍ରଥମ ଇନିଂସରେ ମୋଟ୍ ୫୮୭ରନ୍ କରିବାରେ ସକ୍ଷମ ହୋଇଥିଲା । ଏହାର ଜବାବରେ ଇଂଲଣ୍ଡ ଦଳ ସେମାନଙ୍କର ପ୍ରଥମ ଇନିଂସରେ ଗତକାଲି ଖେଳ ଶେଷ ହେଲା ବେଳକୁ ୩ ୱିକେଟ୍ ହରାଇ ୭୭ରନ୍ କରିଥିଲେ । ପୂର୍ବରୁ ଭାରତୀୟ ଦଳର ଅଧିନାୟକ ଭାବେ ମନସୁର୍ ଅଲି ଖାଁ ପଟାଉଦି, ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ଏମ୍.ଏସ୍. ଧୋନୀ ଦ୍ୱିଶତକ ହାସଲ କରିସାରିଛନ୍ତି । ଏହି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୫ ୱିକେଟ୍‌ରେ ବିଜୟ ହାସଲ କରି ୧-୦ରେ ଅଗ୍ରଣୀ ରହିଛି ।

---

## ୱିମେନ୍ କ୍ରିକେଟ୍:ଇଣ୍ଡିଆ-ଇଂଲଣ୍ଡ

କେନିଂଟନ୍ ଓଭାଲ୍‌ରେ ଆଜି ସନ୍ଧ୍ୟାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ ମହିଳା ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୧୧ଟା ୫

ମିନିଟ୍‌ରେ ଖେଳ ଆରମ୍ଭ ହେବ । ଭାରତ-ଇଂଲଣ୍ଡ ୫ଟିକିଆ ଟି-୨୦ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ବିଜୟଲାଭ କରିଛି । ଏହି ବିଜୟ ହାସଲ ଭାରତୀୟ ମହିଳା କ୍ରିକେଟ୍ ଦଳକୁ ଆସନ୍ତାବର୍ଷ ଇଂଲଣ୍ଡରେ ହେବାକୁ ଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ପାଇଁ ଆତ୍ମବଳ ଯୋଗାଇଛି ।

---